# ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡିଶା, ଭୁବନେଶ୍ୱର

**NTSE**

## ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା, ୨୦୨୧-୨୦୨୨

୨୦୨୧-୨୦୨୨ ଶିକ୍ଷା ବର୍ଷରେ ଓଡିଶାର ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟମାନଙ୍କରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କଠାରୁ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ୨୦୨୧-୨୦୨୨ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଏହି ପରୀକ୍ଷାରୁ ୨୫୯ ଜଣ ପ୍ରାର୍ଥୀଙ୍କୁ ଜାତୀୟ ସ୍ତରୀୟ ମେଧାବୃତ୍ତି ପରୀକ୍ଷା ୨୦୨୨ ନିମନ୍ତେ ଚୟନ କରାଯିବ । **୨୦୨୨ ଜୁନ ୧୨ ତାରିଖ (ରବିବାର)** ଏହି ପରୀକ୍ଷା ଅନୁଷ୍ଠିତ ହେବ । ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷାର ସବିଶେଷ ବିବରଣୀ ନିମ୍ନରେ ଦିଆଗଲା।

**ପ୍ରଥମ ପର୍ଯ୍ୟାୟ :** ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଦ୍ୱାରା ପରିଚାଳିତ ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ତା **୧୬.୦୧.୨୦୨୨** ରିଖ ରବିବାର ଦିନ ଅନୁଷ୍ଠିତ ହେବ ।
**ଦ୍ୱିତୀୟ ପର୍ଯ୍ୟାୟ :** ଏନ.ସି.ଇ.ଆର.ଟି, ନୂଆଦିଲ୍ଲୀ ଦ୍ୱାରା ଜାତୀୟ ସ୍ତରୀୟ ମେଧାବୃତ୍ତି ପରୀକ୍ଷା ଆସନ୍ତା ୨୦୨୨ ମସିହା ଜୁନ ମାସର ୧୨ ତାରିଖରେ ପ୍ରଥମ ପର୍ଯ୍ୟାୟରୁ ଚୟନ କରାଯାଇଥିବା ପ୍ରାର୍ଥୀମାନଙ୍କୁ ନେଇ ପରିଚାଳିତ ହେବ ।

**ପରୀକ୍ଷା ଦେୟ :** ଏହି ପରୀକ୍ଷା ନିମନ୍ତେ କୌଣସି ଦେୟ ଦେବାକୁ ପଡିବ ନାହିଁ । କିନ୍ତୁ ପ୍ରାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଆସିବା ଖର୍ଚ୍ଚ ନିଜେ ବହନ କରିବେ ।

**ପରୀକ୍ଷା ଦେବା ପାଇଁ ସର୍ବନିମ୍ନ ଯୋଗ୍ୟତା :** ପ୍ରାର୍ଥୀ (General, OBC and EWS) ଜାତୀୟ ମେଧାବୃତ୍ତି ପରୀକ୍ଷା ଦେବା ପାଇଁ ୨୦୨୧-୨୦୨୨ ଶିକ୍ଷାବର୍ଷରେ ଯେ କୌଣସି ସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟରୁ ଗତ ନବମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବନିମ୍ନ ୬୦ ପ୍ରତିଶତ ନମ୍ବର ରଖି ଦଶମ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ । ସରଂକ୍ଷିତ ବର୍ଗ (SC, ST and PH) ପାଇଁ ଏଥିରେ ୫ ପ୍ରତିଶତ କୋହଳ କରାଯିବ ଅର୍ଥାତ ସେଭଳି ପ୍ରାର୍ଥୀଙ୍କ ପାଇଁ ୫୫ (ପଞ୍ଚାବନ) ପ୍ରତିଶତ ନମ୍ବର ରଖିଥିବା ଆବଶ୍ୟକ । ଓଡିଶାରେ ଅଧ୍ୟୟନ କରୁଥିବା ଯେ କୌଣସି ରାଜ୍ୟର ଛାତ୍ରଛାତ୍ରୀମାନେ ଏ ପରୀକ୍ଷା ଦେଇପାରିବେ ।
**ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ରାଜ୍ୟର ଉଦ୍ଦିଷ୍ଟ ପ୍ରାର୍ଥୀ ସଂଖ୍ୟା :** ରାଜ୍ୟସ୍ତରୀୟ ଜାତୀୟ ମେଧାବୃତ୍ତି ପରୀକ୍ଷା ଦେଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ **୨୫୯** ଜଣ ପ୍ରାର୍ଥୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ଚୟନ କରାଯିବ । ଅନ୍ୟ ପଛୁଆ ବର୍ଗ (OBC) ପାଇଁ **୨୭ %**, ଅନୁସୂଚିତ ଜାତି (SC)ଙ୍କ ପାଇଁ **୧୫ %**, ଅନୁସୂଚିତ ଜନଜାତି (ST)ଙ୍କ ପାଇଁ **୭.୫ %** ପ୍ରତିଶତ, ଅର୍ଥନୈତିକ ଦୁର୍ବଳ ବର୍ଗ (EWS) ପାଇଁ **୧୦ %,** ଶାରୀରିକ ଭିନ୍ନକ୍ଷମ ବର୍ଗ (PH)ର ପ୍ରାର୍ଥୀଙ୍କ ପାଇଁ **୪ %** ସଂରକ୍ଷଣର ବ୍ୟବସ୍ଥା ରହିଛି ।

**ପରୀକ୍ଷାର ବିଷୟ :** ରାଜ୍ୟସ୍ତରୀୟ ପରୀକ୍ଷା ୨୦୨୧-୨୦୨୨ ରେ ମାନସିକ ଦକ୍ଷତା ପରୀକ୍ଷଣ ଏବଂ ବିଷୟଗତ ଦକ୍ଷତା ପରୀକ୍ଷଣ ନିମ୍ନମତେ ଅନୁଷ୍ଠିତ ହେବ ।

| ପରୀକ୍ଷଣ | ପୂର୍ଣ୍ଣସଂଖ୍ୟା | ପ୍ରଶ୍ନସଂଖ୍ୟା | ଅବଧି |
|---|---|---|---|
| ମାନସିକ ଦକ୍ଷତା ପରୀକ୍ଷଣ (MAT) | ୧୦୦ | ୧୦୦ | ୧୨୦ ମିନିଟ |
| ବିଷୟଗତ ଦକ୍ଷତା ପରୀକ୍ଷଣ (SAT) | ୧୦୦ | ୧୦୦ | ୧୨୦ ମିନିଟ |

୧. ମାନସିକ ଦକ୍ଷତା ପରୀକ୍ଷଣ (Mental Ability Test)ରେ **୧୦୦ଟି ବହୁ ବିକଳ୍ପ ଉତ୍ତର ବିଶିଷ୍ଟ ପ୍ରଶ୍ନ** ରହିବ ଏବଂ **୧୨୦ ମିନିଟ୍** ରେ ଉତ୍ତର ଦେବାକୁ ହେବ । ଏହା (Reasoning), ସାଦୃଶ୍ୟ (Analogy), ଶ୍ରେଣୀ ବିଭାଗ (Classification), ଢାଞ୍ଚା ଉପଲବ୍ଧି (Pattern Perception), ଉପରେ ପର୍ଯ୍ୟବେସିତ ହେବ ।

୨. ବିଷୟଗତ ଦକ୍ଷତା (Scholastic Aptitude Test) : ଏହି ବିଭାଗରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ, ଇତିହାସ, ଭୂଗୋଳ, ରାଜନୀତି ବିଜ୍ଞାନ ଓ ଅର୍ଥନୀତି ଇତ୍ୟାଦି ବିଷୟରୁ **୧୦୦ଟି ବହୁବିକଳ୍ପ ପ୍ରଶ୍ନ** ରହିବ। ଏଗୁଡିକ **୧୨୦ ମିନିଟ**ରେ ଉତ୍ତର ଦେବାକୁ ହେବ ।

**ମୁକ୍ତ ଦୂର-ଶିକ୍ଷଣ ଶିକ୍ଷାର୍ଥୀଙ୍କ ନିମନ୍ତେ :** ମୁକ୍ତ ଦୂର ଶିକ୍ଷଣ Open Distance Learning (ODL) ଜରିଆରେ ରେଜିଷ୍ଟ୍ରିଭୁକ୍ତ ଶିକ୍ଷାର୍ଥୀମାନେ ଏହି ବୃତ୍ତି ପାଇବାକୁ ଯୋଗ୍ୟ ଅଟନ୍ତି । ସେମାନେ ନିମ୍ନୋକ୍ତ ସର୍ତ୍ତଗୁଡିକ ପୂରଣ କରୁଥିବେ । ସେଗୁଡିକ ହେଲା :

- ଜୁଲାଇ ୧, ୨୦୨୧ ସୁଦ୍ଧା ୧୮ ବର୍ଷ ବୟସରୁ କମ ହୋଇଥିବେ ।
- କୌଣସି କର୍ମ ନିଯୁକ୍ତି ପାଇନଥିବେ ।
- ବାଳକ/ବାଳିକା ପ୍ରଥମ ଥର ପାଇଁ ୧୦ମ ଶ୍ରେଣୀ ପରୀକ୍ଷା ଦବାକୁ ଯାଉଥିବେ ।

**ପରୀକ୍ଷା ନିମନ୍ତେ ପାଠ୍ୟ ବିଷୟ :** ଏହି ପରୀକ୍ଷା ପାଇଁ କୌଣସି ନିର୍ଦ୍ଦିଷ୍ଟ ପାଠ୍ୟ ବିଷୟ ନାହିଁ । ତେବେ ପ୍ରଶ୍ନଗୁଡିକ ୯ମ ଓ ୧୦ମ ଶ୍ରେଣୀ ପାଠ୍ୟକ୍ରମରୁ ଗଠିତ ହୋଇପାରେ ।

**ଚୟନ ପ୍ରକ୍ରିୟା :** ଏହି ରାଜ୍ୟସ୍ତରୀୟ ପ୍ରଥମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଜାତୀୟ ସ୍ତରୀୟ ପରୀକ୍ଷାରେ ବସିବା ନିମନ୍ତେ ପ୍ରାର୍ଥୀଙ୍କୁ ପ୍ରତ୍ୟେକ ପତ୍ର ଯଥା : MAT ଓ SAT ରେ ୪୦ (ଚାଳିଶ) ପ୍ରତିଶତ ନମ୍ବର ରଖିବାକୁ ପଡିବ । ତେବେ ସଂରକ୍ଷିତ ବର୍ଗ ପ୍ରାର୍ଥୀମାନଙ୍କ କ୍ଷେତ୍ରରେ ପ୍ରତ୍ୟେକ ପତ୍ରରେ ୩୨ (ବତିଶି) ପ୍ରତିଶତ ନମ୍ବର ରଖିବାକୁ ହେବ । MAT ଓ SAT ରେ ଥିବା ମୋଟ ନମ୍ବରକୁ ନେଇ ପ୍ରାର୍ଥୀମାନଙ୍କର ମେଧା ତାଲିକା ପ୍ରସ୍ତୁତ କରାଯିବ ।

**ଦ୍ୱିତୀୟ ପର୍ଯ୍ୟାୟ :** ଜାତୀୟ ସ୍ତରର ପରୀକ୍ଷା ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (NCERT), ଦିଲ୍ଲୀଙ୍କ ଦ୍ୱାରା କରାଯାଇଥାଏ ।

**ବୃତ୍ତିସଂଖ୍ୟା, ପରିମାଣ ଓ ଅବଧି :** ସମଗ୍ର ଦେଶରେ ୨୦୦୦ ଟି ଜାତୀୟ ମେଧାବୃତ୍ତି ପ୍ରଦାନ କରାଯିବ । ମନୋନୀତ ପ୍ରାର୍ଥୀମାନଙ୍କର ପାଠପଢାର ସନ୍ତୋଷ ଜନକ ଅଗ୍ରଗତି ଆଧାରରେ ବିଜ୍ଞାନ, ସମାଜ ବିଜ୍ଞାନ, ଓ ବାଣିଜ୍ୟ ବିଷୟରେ ପି.ଏଚ.ଡି. ପର୍ଯ୍ୟନ୍ତ ଏବଂ ଇଞ୍ଜିନିଅରିଙ୍ଗ, ମେଡିସିନ, ମ୍ୟାନେଜମେଣ୍ଟ, ଏବଂ ଆଇନ ଶିକ୍ଷାରେ ପୋଷ୍ଟ ଗ୍ରାଜୁଏସନ ପର୍ଯ୍ୟନ୍ତ ବୃତ୍ତି ପାଇବେ । ବୃତ୍ତିର ପରିମାଣ ନିମ୍ନରେ ଦିଆଗଲା ।

- +୨ ସ୍ତର ପାଇଁ ମାସିକ ୧୨୫୦ ଟଙ୍କା ।
- +୩ ଓ ପିଜି ସ୍ତର ପାଇଁ ମାସିକ ୨୦୦୦ ଟଙ୍କା ।
- ପି.ଏଚ.ଡି. ପାଇଁ ୟୁଜିସି ନିୟମ ଅନୁଯାୟୀ ବୃତ୍ତି ପାଇବେ ।

**ପରୀକ୍ଷା କେନ୍ଦ୍ର :** ଏହି ପରୀକ୍ଷା ରାଜ୍ୟର ଜିଲ୍ଲା ସଦର ମହକୁମାରେ ଥିବା ସରକାରୀ ମହାବିଦ୍ୟାଳୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ମାନଙ୍କରେ ଅନୁଷ୍ଠିତ ହେବ ।

**ଆବେଦନ କରିବେ କିପରି :** ଛାତ୍ରଛାତ୍ରୀ TE & SCERT ର ୱେବସାଇଟ www.ntse.scertodisha.nic.in କୁ login କରି ଅନଲାଇନ ଆବେଦନ ପତ୍ର ପୂରଣ କରିପାରିବେ । ଫର୍ମ ପୂରଣ କରିସାରିବା ପରେ ଡାଉନଲୋଡ କରି ପ୍ରିଣ୍ଟଆଉଟ ନେଇ ସ୍କୁଲରେ ଦାଖଲ କରିବେ । ସ୍କୁଲର ମୁଖ୍ୟ ସ୍କୁଲ ପାଇଁ ଉଦ୍ଦିଷ୍ଟ ଆବଶ୍ୟକୀୟ ବିବରଣୀ ପୂରଣ କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଫର୍ମ ଗୁଡିକ ଦାଖଲ କରିବେ । ଜିଲ୍ଲା ଶିକ୍ଷା ଅଧିକାରୀ ଫର୍ମ ଗୁଡିକୁ ଉପଯୁକ୍ତ ଭାବରେ ଯାଞ୍ଚ (Validate) କରିବେ । ପ୍ରବେଶ ପତ୍ର (Admit Card) ଗୁଡିକ ବିଦ୍ୟାଳୟ/ଛାତ୍ରଛାତ୍ରୀମାନେ ଡାଉନଲୋଡ କରିପାରିବେ ।

**ସମୟ ନିର୍ଘଣ୍ଟ :**

| | |
|---|---|
| ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନଲାଇନ ଆବେଦନପତ୍ର ପୂରଣ ଓ ପ୍ରଧାନ ଶିକ୍ଷକଙ୍କ ନିକଟରେ ଆବେଦନ ପତ୍ର ଦାଖଲ | ୦୩.୧୨.୨୦୨୧ ରୁ ୧୮.୧୨.୨୦୨୧ |
| ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ଓ ମୋହର ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଆବେଦନ ପତ୍ର ଦାଖଲ | **ଶେଷ ତାରିଖ ୨୦.୧୨.୨୦୨୧** |
| ଆବେଦନ ପତ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଅନଲାଇନ Validation ର ଶେଷ ତାରିଖ | **ଶେଷ ତାରିଖ ୨୩.୧୨.୨୦୨୧** |
| ବିଦ୍ୟାଳୟ / ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରବେଶ ପତ୍ର ଡାଉନଲୋଡ କରିବା | ୦୧.୦୧.୨୦୨୨ ରୁ ୧୬.୦୧.୨୦୨୨ |
| **ପରୀକ୍ଷା ତାରିଖ** | ୧୬.୦୧.୨୦୨୨ |

**ଦରଖାସ୍ତ ଫର୍ମ ସହ ଆବଶ୍ୟକୀୟ ପ୍ରମାଣ ପତ୍ର ଦାଖଲ :** ଛାତ୍ରଛାତ୍ରୀମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହିତ ଆବେଦନପତ୍ର ଦାଖଲ କରିବେ ।

ପଛୁଆ ବର୍ଗ (OBC), ଅନୁସୂଚିତ ଜାତି ଓ ଜନଜାତି (SC/ST) ପ୍ରାର୍ଥୀ ମାନଙ୍କର ଜାତିଗତ ପ୍ରମାଣପତ୍ର (recent) ତହସିଲଦାର ବା ଅତିରିକ୍ତ ତହସିଲଦାରଙ୍କ ଠାରୁ ଓ ଭିନ୍ନକ୍ଷମ ପ୍ରାର୍ଥୀ ମାନଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର (UDID) ପ୍ରାପ୍ତ ହେବା ବାଞ୍ଛନୀୟ। ଅର୍ଥନୈତିକ ଦୁର୍ବଳ ବର୍ଗ (EWS)ର ପ୍ରାର୍ଥୀମାନେ ତହସିଲଦାର ବା ଅତିରିକ୍ତ ତହସିଲଦାରଙ୍କ ଠାରୁ ଉପଯୁକ୍ତ ପ୍ରମାଣପତ୍ର ଆଣି ଦାଖଲ କରିବେ । ନବମ ଶ୍ରେଣୀର ବାର୍ଷିକ ପରୀକ୍ଷାର ନମ୍ବର (ଶତକଡାରେ) ପ୍ରମାଣ ପତ୍ରରେ ଉଲ୍ଲେଖ କରାଯିବ ।

ଅନଲାଇନ ମାଧ୍ୟମରେ ଦରଖାସ୍ତ କରିଥିବା ଦରଖାସ୍ତର ଅବିକଳ ନକଲ ସହିତ ସମ୍ପୃକ୍ତ ଉପର ଲିଖିତ ତଥ୍ୟ ସମ୍ବଳିତ ଫର୍ଦ୍ଦଟି (document) ପ୍ରଧାନ ଶିକ୍ଷକ / ଶିକ୍ଷୟିତ୍ରୀ ଓ ପ୍ରାର୍ଥୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ୨୩.୧୨.୨୦୨୧ ସୁଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ପହଞ୍ଚିବା ବାଞ୍ଛନୀୟ । ଏହାର ପରବର୍ତ୍ତୀ ସମୟରେ ପହଞ୍ଚିବା ଦରଖାସ୍ତ ଗୁଡିକୁ ଗ୍ରହଣ କରାଯିବ ନାହିଁ ।

**ନିର୍ଦ୍ଦେଶକ**
**ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା**
**ଓ ପ୍ରଶିକ୍ଷଣ ପରିଷଦ, ଓଡିଶା, ଭୁବନେଶ୍ୱର**